# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 March – 2026**

---

# ଶ୍ରୀମନ୍ଦିର ରତ୍ନ ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ରତ୍ନ ଭଣ୍ଡାରର ଗଣତି ମଣତି ପ୍ରକ୍ରିୟା ଆଜି ଦିନ ୧୨ଟା ୯ରୁ ଅପରାହ୍ଣ ଗୋଟାଏ ୪୫ ମିନିଟ୍ ମଧ୍ୟରେ ଆରମ୍ଭ ହେବ । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ପ୍ରକ୍ରିୟା କରାଯିବ । ପ୍ରଥମେ ଚଳନ୍ତି ଭଣ୍ଡାର ଘରେ ଥିବା ଅଳଙ୍କାର ଗୁଡ଼ିକର ଗଣତି ମଣତି କରାଯିବା ପରେ ବାହାର ଭଣ୍ଡାର ଓ ଭିତର ଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ । ସ୍ୱର୍ଣ୍ଣ ଅଳଙ୍କାରକୁ ହଳଦିଆ, ରୌପ୍ୟ ଅଳଙ୍କାରକୁ ଧଳା ଏବଂ ଅନ୍ୟ ଅଳଙ୍କାର ଗୁଡ଼ିକୁ ନାଲି ରଙ୍ଗର କନାରେ ସିନ୍ଦୁକରେ ରଖାଯିବ । ଶନିବାର, ରବିବାର ଓ ବିଶେଷ ନୀତିକାନ୍ତି ଦିନରେ ଗଣତି ମଣତି ହେବ ନାହିଁ। ଶ୍ରୀମନ୍ଦିର ବଣିଆ, ସରକାରୀ ବଣିଆ, ଅଳଙ୍କାର ଚିହ୍ନଟକାରୀ ଏବଂ ଆର୍‌ବିଆଇ ଅଧିକାରୀଙ୍କ ଉପସ୍ଥିତିରେ ୧୯୭୮ ମସିହାରେ ହୋଇଥିବା ଗଣତି ମଣତି ରିପୋର୍ଟ ସହ ବର୍ତ୍ତମାନର ଗଣତି ମଣତି ମେଳକ କରାଯାଇ ଅଳଙ୍କାର ଗୁଡ଼ିକୁ ଟ୍ୟାଗିଂ କରାଯିବ । ସୁରକ୍ଷିତ ଗଣତି ମଣତି ଲାଗି ଶ୍ରୀମନ୍ଦିର ଭିତରେ ଓ ବାହାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ୧୦ ସେକ୍ସନ ପୁଲିସ ଫୋର୍ସ ମୁତୟନ ରହିବେ ।

# ଶ୍ରୀରାମ ନବମୀ ଉତ୍ସବ-ମୁଖ୍ୟମନ୍ତ୍ରୀ

ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଆସନ୍ତା ୨୭ ତାରିଖରେ ପାଳନ ହେବାକୁ ଯାଉଥିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ସୁରୁଖୁରୁରେ ଶ୍ରୀରାମ ନବମୀ ପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ଅନୁ ଗର୍ଗ-ବୈଠକ

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ବିବାଦ ଓ ରାଜ୍ୟ ଅର୍ଥନୀତି ଉପରେ ପ୍ରଭାବ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସାମଗ୍ରିକ, ଅର୍ଥନୈତିକ ପ୍ରଭାବ ସମ୍ପର୍କରେ ବୈଠକରେ ବିସ୍ତୃତଭାବେ ଆଲୋଚନା କରାଯାଇଥିବାବେଳେ ସାମୁଦ୍ରିକ ଉତ୍ପାଦ ରପ୍ତାନୀ, କୃଷି ଉତ୍ପାଦ, ଖଣିଜ ଓ ରାସାୟନିକ ଶିଳ୍ପ ଉପରେ ପ୍ରଭାବ ପଡ଼ିବାକୁ ଥିବାରୁ ବିକଳ୍ପ ବଜାର ଓ ଯୋଗାଣ ବ୍ୟବସ୍ଥା ସଂଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀ-ସ୍ୱୟଂ ସହାୟକ ଗୋଷ୍ଠୀ

ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ୨ଲକ୍ଷ ଶତଷଠି ହଜାର ୧୩୧ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୨୦୮ କୋଟିରୁ ଅଧିକ ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି । ୩ହଜାର ୫୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୬ କୋଟି ୪୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ୧୮୦ଟି ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘକୁ ୫୭କୋଟି ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ୧୦୧ଟି କ୍ଲଷ୍ଟର ସ୍ତରୀୟ ମହାସଂଘକୁ ୧ କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି ।

# ଗ୍ରୀଷ୍ମ ପ୍ରବାହ-ସମୀକ୍ଷା ବୈଠକ

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଭୁବନେଶ୍ୱର ଖାରବେଳ ଭବନରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହର ବିପଦକୁ ହ୍ରାସ କରିବା ପାଇଁ ନାଗରିକ ସେବା ଉପରେ ଗୁରୁତ୍ୱ ପ୍ରଦାନ କରି ମନ୍ତ୍ରୀ ଡକ୍ଟର ମହାପାତ୍ର, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ପୌରସଂସ୍ଥା ଗୁଡ଼ିକୁ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିରବଚ୍ଛିନ୍ନ ଜଳଯୋଗାଣ ଓ ଜଳଛତ୍ର କେନ୍ଦ୍ର ସ୍ଥାପନ ସହ

୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

## ଗ୍ରୀଷ୍ମ-ସକାଳୁଆ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ମାସ ୬ ତାରିଖଠାରୁ ଜିଲ୍ଲା ଏବଂ ଅଧସ୍ତନ ଅଦାଲତ ଗୁଡ଼ିକ ସକାଳୁଆ କାର୍ଯ୍ୟ କରିବ । ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ସକାଳ ୭ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସମ୍ପୃକ୍ତ ଅଦାଲତ ଗୁଡ଼ିକ କାର୍ଯ୍ୟ କରିବ ।

## ସୁଭଦ୍ରା ଶକ୍ତି ମେଳା

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା ଓ ମତ୍ସ୍ୟସମ୍ପଦ ମେଳା ଆରମ୍ଭ ହୋଇଛି । ସ୍ୱୟଂ ସହାୟକ ଓ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ୧୫୦ଟି ଷ୍ଟଲରେ ବିଭିନ୍ନ ହସ୍ତଶିଳ୍ପ ଦ୍ରବ୍ୟ ବିକ୍ରୟ କରାଯାଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଜଣାପଡିଛି ।

## କପିଳମୁନି ମହୋତ୍ସବ ଉଦ୍‌ଯାପିତ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁରଠାରେ କପିଳମୁନି ମହୋତ୍ସବ ଉଦ୍‌ଯାପିତ ହୋଇଛି । ବିଧାୟକ ଅଶୋକ ଦାସ ଅତିଥି ଭାବେ

ଯୋଗଦେଇ ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ବୈଠକ

ନୂଆପଡା ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିବାଜିକା ଉନ୍ନୟନ ବିଭାଗ ବୈଠକରୁ ବିଭିନ୍ନ ଯୋଜନାରେ ୬୩ ହେକ୍ଟର ଚାରାରୋପଣ କରାଯାଇଥିବା ଜଣାପଡିଛି । ଚଳିତମାସ ଶେଷ ସୁଦ୍ଧା ୧୩୦ଟି ପୋଖରୀ ଖନନ କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ବୈଠକରୁ ଜଣାପଡିଛି ।

## ତାଲିମ ଶିବିର

ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ବ୍ଲକସ୍ତରୀୟ ଗଣନାକାରୀ ଓ ସୁପରଭାଇଜର ମାନଙ୍କ ୩ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି । ୨୦୨୭ ଜନଗଣନା ପୂର୍ବରୁ ଗୃହ ତାଲିକା ଏବଂ ଗୃହ ଗଣନା କାର୍ଯ୍ୟ ସମ୍ପର୍କରେ ଶିବିରରେ ସୂଚନା ଦିଆଯାଇଛି ।

## ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬ ଆରମ୍ଭ ହୋଇଛି। ଭାରତୀୟ ଆଥଲେଟିକ୍ସ ମହାସଂଘ, ଓଡ଼ିଶା ଆଥଲେଟିକ୍ସ ସଂଘ ଏବଂ ରାଜ୍ୟ

ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଉଦ୍ୟମରେ ଓଡ଼ିଶାରେ ପ୍ରଥମଥର ଆରମ୍ଭ ହୋଇଥିବା ଏହି ଚାମ୍ପିୟନସିପ୍‌କୁ ଐତିହାସିକ ମୁହୂର୍ତ୍ତ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ୨୦୨୮ ବି୍ବ ଚମ୍ପିଆନ୍‌ସିପ ପାଇଁ ଏହି ପ୍ରତିଯୋଗିତା ମାର୍ଗ ପ୍ରଶସ୍ତ କରିବ ବୋଲି ସେ କହିଛନ୍ତି ।